### ଏକାଗ୍ରତା ଓ ଉଦ୍ୟମ ଦେଇଛି ସଫଳତା

# ଅନ୍ତର୍ଜାତୀୟ ଲନବଲ୍ କ୍ରୀଡାବିତ୍ ରାଜେଶ୍ୱରୀ ସାଜିଲେ ପ୍ରେରଣା

ବଲାଙ୍ଗିର,୨୬ ।୩(ସମିସ)

କଥାରେ ଅଛି ଇଚ୍ଛାଶକ୍ତି ଏକାଗ୍ରତା ଓ କଠିନ ପରିଶ୍ରମ ବଳରେ ଜଣେ ନିଜ ସ୍ୱପ୍ନ କୁ ସହଜ ରେ ପୂରଣ କରିପାରିବ । ଏହାକୁ ସତ କରି ଦେଖାଇଛନ୍ତି ବଲାଙ୍ଗିରର ଝିଅ ରାଜେଶ୍ୱରୀ ସେଠ । ଜଣେ ସାଧାରଣ ପରିବାରର ଝିଅ ହୋଇ ମଧ୍ୟ ନିଜର କଠିନ ପରିଶ୍ରମ ବଳରେ ସେ ଆଜି ଭାରତୀୟ ଲନ୍ ବଲ୍ ଦଳରେ ସ୍ଥାନ ପାଇଛନ୍ତି । ଆସନ୍ତା ଏପ୍ରିଲ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଲନ୍ ବଲ୍ ଚାମ୍ପିଅନସିପରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବେ । ଯାହାକୁ ନେଇ ବିଭିନ୍ନ ମହଲରେ ସେ ପ୍ରଶଂସିତ ହୋଇଛନ୍ତି । ଗତ ୩ ବର୍ଷେ ତଳେ ଅର୍ଥାତ୍ ୨୦୨୩ ମସିହାରେ ସେ ଲନ୍ ବଲ୍ ଖେଳ ବିଷୟରେ ଜାଣିବାକୁ ପାଇଥିଲେ । ସେବେଠାରୁ ଖେଳ ପ୍ରତି ତାଙ୍କର ଏପରି ନିଶା ଘାରିଲା ଯେ ଦିନକୁ ପ୍ରାୟ ୧୦ ଘଣ୍ଟା ପରିଶ୍ରମ କରିଥିଲେ ।

ଆଉ ଆଜି ସେହି ଏକାଗ୍ରତା ତାଙ୍କୁ ଜଣେ ଅନ୍ତର୍ଜାତୀୟ ଖେଳାଳି ଭାବେ ଗଢ଼ି ତୋଳିଛି । ୨୦୨୩ ମସିହାରେ ପ୍ରଥମ ଥର ପାଇଁ ଆନ୍ତଃଜିଲ୍ଲା ପ୍ରତିଯୋଗିତାରେ ବ୍ରୋଞ୍ଜ ଏବଂ ଗୌହାଟୀରେ ଅନୁଷ୍ଠିତ ୨୫ ବର୍ଷରୁ କମ୍ ବର୍ଗରେ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିବାରେ ସଫଳ ହୋଇଥିଲେ । ଯାହାକି ତାଙ୍କୁ ଆଗକୁ ବଢିବା ପାଇଁ ଉତ୍ସାହିତ କରିଥିଲା । ପରେ ଗୋଆରେ ଅନୁଷ୍ଠିତ ୩୭ତମ ଜାତୀୟ କ୍ରୀଡ଼ା ପ୍ରତିଯୋଗିତାରେ ବ୍ରୋଞ୍ଜ ପଦକ ଜିତିଥିଲେ । ତାଙ୍କର ଏହି ସଫଳତା ପାଇଁ ତତ୍କାଳୀନ ରାଜ୍ୟ ସରକାରଙ୍କଠାରୁ ୨ ଲକ୍ଷ ଟଙ୍କାର ପୁରସ୍କାର ଗ୍ରହଣ କରିଥିଲେ । ସେହିପରି ୨୦୨୪ ରେ ଆନ୍ତଃଜିଲ୍ଲା ଚାମ୍ପିଅନସିପ୍‌ରେ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରି ସେ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ । ପରେ ଉତ୍ତରାଖଣ୍ଡଠାରେ ଅନୁଷ୍ଠିତ ୩୮ତମ ଜାତୀୟ କ୍ରୀଡ଼ାରେ ରୌପ୍ୟ ପଦକ ପାଇ ପୁଣି ଥରେ ରାଜ୍ୟ ସରକାରଙ୍କ ପକ୍ଷରୁ ୪ ଲକ୍ଷ ଟଙ୍କାର ପ୍ରୋତ୍ସାହନ ଗ୍ରହଣ କରିଥିଲେ । ଏହା ପରେ ସେ ଅନ୍ତର୍ଜାତୀୟ ପ୍ରତିଯୋଗିତା ଉପରେ ନଜର ପକାଇଥିଲେ । ଯାହାକି ଆଜି ପୂରଣ ହୋଇଛି । ସେ ଆସନ୍ତା ଏପ୍ରିଲ ୫ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏସିଆନ୍ ଲନ୍ ବଲ୍ ଚାମ୍ପିଅନସିପରେ ସେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ ହେବା ପରେ ସେ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି । ତେବେ ଏହି ସଫଳତା ପାଇଁ ରାଜେଶ୍ୱରୀ ତାଙ୍କ କୋଚ୍ ଏବଂ ପରିବାରର ସମର୍ଥନକୁ ଦେଇଛନ୍ତି । ନିଜ ସଫଳତାର ଶ୍ରେୟ ପରିବାର ଓ କୋଚ୍‌ଙ୍କୁ ଦେଇ ରାଜେଶ୍ୱରୀ କହିଛନ୍ତି ତାଙ୍କ ବାପା ଜଣେ ସାଧାରଣ ଟେଲର । ବାପା ତାଙ୍କୁ ସବୁବେଳେ ସମର୍ଥନ ଦେଇଛନ୍ତି ।



- ଏପ୍ରିଲ ୫ରୁ ୧୨ ଏସିଆନ୍ ଲନ୍ ବଲ୍ ଚାମ୍ପିଅନସିପରେ ପ୍ରତିନିଧିତ୍ୱ କରିବେ
- ସଫଳତାରେ ସହାୟକ ହୋଇଛି ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନଙ୍କ ଉଦ୍ୟମ

ଏସିଆନ୍ ଚାମ୍ପିଅନସିପ୍‌ରେ ସୁନା ପଦକ ଜିତିବା ତାଙ୍କ ପ୍ରଥମ ଲକ୍ଷ୍ୟ । ଆଗକୁ କମନୱେଲଥ ଓ ଅଲିମ୍ପିକ୍ସରେ ପଦକ ଜିତି ଦେଶର ଟେକ ରଖିବାକୁ ଲକ୍ଷ୍ୟ ରଖିଥିବା କହିଛନ୍ତି । ଅନ୍ୟପଟେ ରାଜେଶ୍ୱରୀଙ୍କ କୋଚ୍ କୈଳାଶ ମାଝୀ କହିଛନ୍ତି, ରାଜେଶ୍ୱରୀଙ୍କ କଠିନ ପରିଶ୍ରମ ହିଁ ତାଙ୍କୁ ଆଜି ଭାରତୀୟ ଦଳରେ ସ୍ଥାନ ଦେଇଛି । ଏସିଆନ୍ ଗେମ୍ସ ପାଇଁ ସେ ଉତ୍କୃଷ୍ଟ ପ୍ରଶିକ୍ଷଣ ନେଇଛନ୍ତି । ଦୃଢ଼ ବିଶ୍ୱାସ ରହିଛି ସେ ଭାରତ ପାଇଁ ନିଶ୍ଚୟ ଗର୍ବ ଆଣିବେ । ଲନ୍ ବଲ୍ ପରି ଏକ ଅଣପାରମ୍ପରିକ ଖେଳରେ ଓଡ଼ିଶାର ଏହି ଝିଅ ଯେଉଁ ସଫଳତା ପାଇଛନ୍ତି ତାହା ଆଗାମୀ ଦିନରେ ଅନେକ ଯୁବ ଖେଳାଳିଙ୍କ ପାଇଁ ପ୍ରେରଣା ସାଜିବ । ତେବେ ବଲାଙ୍ଗିରରେ ୨୦୧୭ରୁ ଲନ ବଲ୍ ଆରମ୍ଭ କରାଯାଇଥିଲା । ଭିତ୍ତିଭୂମିର ଅଭାବ ଥିଲେ ମଧ୍ୟ ମେଟ୍‌ରେ ପ୍ରଶିକ୍ଷଣ ଦେଇ କ୍ରୀଡାବିତ୍‌ଙ୍କୁ ଆସାମ ପଠାଯାଇଥିଲା । ପରେ ବିଜେଡି ସରକାରଙ୍କ ସମୟରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତତ୍କାଳୀନ କ୍ରୀଡା ସଚିବ ଆର. ଭିନିଲ କ୍ରିଷ୍ଣାଙ୍କ ଉଦ୍ୟମରେ ପଡ଼ିଆ ସ୍ୱପ୍ନ ପୂରଣ ହୋଇଥିଲା । ଏହାଫଳରେ ବଲାଙ୍ଗିର ଜିଲ୍ଲାର ଖେଳାଳି ରାଜେଶ୍ୱରୀ ଭାରତୀୟ ଦଳରେ ସ୍ଥାନ ପାଇବାରେ ସଫଳ ହୋଇଛନ୍ତି । ତେବେ ସେ ଆଗକୁ ନିଶ୍ଚୟ ସଫଳ ହେବେ ବୋଲି ଜିଲ୍ଲା ଲନ ବଲ୍ ସଂଘର ଜିଲ୍ଲା ସଭାପତି ସୁମିତ ପୁରୋହିତ କହିଛନ୍ତି । ସେହିପରି ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲୱାର ମଧ୍ୟ କିଛି ଦିନ ପୂର୍ବରୁ ରାଜେଶ୍ୱରୀଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ତେବେ ବଲାଙ୍ଗିର ଭଳି ଏକ ଜିଲ୍ଲାରେ ଯେତେବେଳେ ଲନ୍ ବଲ କ୍ରୀଡା ପାଇଁ ଭିତ୍ତିଭୂମି ଅଭାବ ରହିଥିଲା ସେହି ସମୟରେ ଖେଳିବା ଆରମ୍ଭ କରିଥିଲେ ରାଜେଶ୍ୱରୀ । ବର୍ତ୍ତମାନ ଜିଲ୍ଲାରେ ଉନ୍ନତ ଭିତ୍ତିଭୂମି ସହ ରାଜେଶ୍ୱରୀଙ୍କ ଭଳି କ୍ରୀଡାବିତ୍ ରହିଛନ୍ତି । ଆଗାମୀ ଦିନରେ ଏହି କ୍ରୀଡା ପ୍ରତି କ୍ରୀଡାବିତ୍‌ଙ୍କ ରୁଚି ବଢିବା ସହ ଆଗକୁ ବଢ଼ିବାକୁ ସେମାନଙ୍କୁ ପ୍ରେରଣା ଯୋଗାଇବ ।

## ଅତିରିକ୍ତ ଜିଲ୍ଲାପାଳଙ୍କୁ ସ୍ମାରକ ପତ୍ର



ବଲାଙ୍ଗିର,୨୬ ।୩(ସମିସ): ସର୍ବ ଭାରତୀୟ ରାଜ୍ୟ ପେନସନ ଭୋଗୀ ଫେଡେରେସନର ଆହ୍ୱାନ କ୍ରମେ ଅବସରପ୍ରାପ୍ତ ସରକାରୀ କର୍ମ.ରୀ ସଂଘର ବଲାଙ୍ଗିର ଶାଖା କର୍ମକର୍ତ୍ତା ଅତିରିକ୍ତ ଜିଲ୍ଲାପାଳଙ୍କୁ ଭେଟିଛନ୍ତି । ଭେଲିଡେସନ ଆଇନ-୨୦୨୫ ପ୍ରତ୍ୟାହାର କରି ଅଷ୍ଟମ ବେତନ କମିଶନଙ୍କ ଦ୍ୱାରା ଉପଯୁକ୍ତ ସୁବିଧା ସୁଯୋଗ ପ୍ରଦାନ ପାଇଁ ଏମାନେ ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କର୍ମ.ରୀ ସଂଘ ତରଫରୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ସଭାପତି ଗୋବିନ୍ଦ ମିଶ୍ର, ସଂପାଦକ କୃଷ୍ଣଚନ୍ଦ୍ର ନାଥ, ସହସଂପାଦକ ଚୈତନ୍ୟ ପଟେଲ, ବରିଷ୍ଠ ସଭ୍ୟ ଲୋକନାଥ ନେପାକ, ଗୋପବନ୍ଧୁ ପୁରୋହିତ, ଶ୍ୟାମ ସୁନ୍ଦର ଦାଶ, ପ୍ରଦୀପ ସାହୁ, ପୁରୁଷୋତ୍ତମ ପଣ୍ଡା, କୃଷ୍ଣଚନ୍ଦ୍ର ମାହାକୁର, ରାମଶଙ୍କର ଶତପଥୀ, ବୈକୁଣ୍ଠ ସ୍ୱାଇଁ, ଜୟଦେବ ବେହେରା ଓ ବିଜୟ ବାଗ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଲାଇସର୍ଡା ଭାରତୀୟ ବିଦ୍ୟା ନିକେତନର ସଫଳତା

ବଲାଙ୍ଗିର,୨୬ ।୩(ସମିସ): ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ବିଲାଇସର୍ଡା ଭାରତୀୟ ବିଦ୍ୟା ନିକେତନର ୨ ଜଣ ଛାତ୍ରଛାତ୍ରୀ ଓଡିଶା ଆଦର୍ଶ ବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ କୃତକାର୍ଯ୍ୟ ହୋଇଛନ୍ତି । ସଫଳତା ପାଇଥିବା ଛାତ୍ରଛାତ୍ରୀ ଦ୍ୱୟ ହେଲେ ଆଦିତ୍ୟ ନାଏକ ଓ ସୁପ୍ରଭା କୁମ୍ଭାର । ସ୍କୁଲ ପକ୍ଷରୁ ଉଭୟଙ୍କୁ ଶୁଭେଚ୍ଛା ଜଣା ଯାଇଛି ।

## ଓଡ଼ିଶା ଦିବସ ପାଳନ ପାଇଁ ଉତ୍କଳ ବନ୍ଦନା ପ୍ରତିଯୋଗିତା




ବଲାଙ୍ଗିର,୨୬ ।୩(ସମିସ): ବଲାଙ୍ଗିର ଜିଲ୍ଲାସ୍ତରୀୟ ଓଡ଼ିଶା ଦିବସ ପାଳନ ଅବସରରେ ଆଦର୍ଶପଡାସ୍ଥିତ ନାଦନିକୁଞ୍ଜ କଳା ଅନୁଷ୍ଠାନ ପରିସରରେ ଉତ୍କଳ ବନ୍ଦନା ଗାନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରାଜେନ୍ଦ୍ର ମାଝିଙ୍କ ତତ୍ତ୍ୱାବଧାନରେ ଏହି ପ୍ରତିଯୋଗିତା ହୋଇଥିଲା । ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ଆୟୁଷ୍ମାନ ମିଶ୍ର (ବିଶ୍ୱାତ୍ମା ବିଦ୍ୟା ମନ୍ଦିର, ବଲାଙ୍ଗିର) ପ୍ରଥମ, ଅନ୍ୱେଷା ବାଗ (ଲିଟଲ ଫ୍ଲାୱାର ସ୍କୁଲ, ବଲାଙ୍ଗିର) ଦ୍ୱିତୀୟ ଏବଂ ଦୀପ୍ତିମୟୀ ଯାଦବ (ଲିଟଲ ଫ୍ଲାୱାର ସ୍କୁଲ, ବଲାଙ୍ଗିର) ଓ ଜୟନନ୍ଦିନୀ ପୂଜାରୀ (ସେଞ୍ଚୁରିଆନ ପବ୍ଲିକ ସ୍କୁଲ, ବଲାଙ୍ଗିର) ଯୁଗ୍ମ ଭାବେ ତୃତୀୟ ହୋଇଛନ୍ତି । ବିଜେତାଙ୍କୁ ୧ ତାରିଖ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଶସ୍ତିପତ୍ର ଓ ପୁରସ୍କାର ପ୍ରଦାନ କରାଯିବ । ବିଚାରକ ଭାବେ ଶୁଭ୍ରାଂଶୁ ଶେଖର ମିଶ୍ର, ପ୍ରାଣ ପ୍ରକାଶ ଦାଶ ଓ ରବୀନ୍ଦ୍ର ଜେନା ଉପସ୍ଥିତ ଥିଲେ । ପ୍ରବଞ୍ଜନ ରାୟଗୁରୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଉପଖଣ୍ଡ ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଲକ୍ଷ୍ମୀ ସାକିଆ ଧନ୍ୟବାଦ ଅର୍ପଣ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟର ପୁରୁଷୋତ୍ତମ ମୁନା, କେଶବ ବାଗ ଓ ତପନ ପଟେଲ ସହଯୋଗ କରିଥିଲେ ।

## ଖଲିଆପାଲିରେ ଗୋଟିଏ ପରିବାରକୁ ବାସନ୍ଦ ଅଭିଯୋଗ

ଦେଓଗାଁ,୨୬।୩(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ବ୍ରାହ୍ମଣୀଯୋର ପଞ୍ଚାୟତର ଖଲିପାଲି ଗାଁରେ ଗୋଟିଏ ପରିବାରକୁ ଗାଁଲୋକ ସମସ୍ତ ପ୍ରକାର ସାମାଜିକ ବାସନ୍ଦ କରିଥିବା ନେଇ ଦେଓଗାଁ ଥାନାରେ ଲିଖିତ ଅଭିଯୋଗ ହୋଇଛି । ପ୍ରାୟ ବର୍ଷେ ତଳେ ଗାଁର ଗୋଟିଏ ପରିବାରର ୧୬ ବର୍ଷିୟ ନାବାଳିକା କୁଆଡେ ନିଖୋଜ ହୋଇଯାଇଥିଲା । ପରିବାର ଲୋକେ ଅଭିଯୋଗ କଲାପରେ ପୁଲିସ ଏକ ଟିମ ଗଠନ କରି ସଂପୃକ୍ତ ନାବାଳିକାକୁ ତାମିଲନାଡୁର ତୀରପୁରରୁ ଉଦ୍ଧାର କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲା । ନାବାଳିକାକୁ ଅପହରଣ କରିନେଇଥିବା ଅଭିଯୋଗରେ ଗାଁର ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା । ଜାମିନ ନାମଞ୍ଜୁର ହୋଇବାରୁ ସଂପୃକ୍ତ ଯୁବକ ଏବେ ଜେଲରେ ରହିଛି । ଏହି ଘଟଣାକୁ କେନ୍ଦ୍ରକରି ଗାଁରେ ଗତ ମାସେ ତଳେ ବୈଠକ ବସିଥିଲା । ସଂପୃକ୍ତ ନାବାଳିକାଙ୍କ ପରିବାର ଲୋକଙ୍କୁ ଗାଁରେ କେହି କୌଣସି ସହଯୋଗ ନ କରିବା ପାଇଁ ନିଷ୍ପତ୍ତି ନେଇଥିଲେ । ଏହାଫଳରେ ଆଜିକୁ ମାସେ କାଳ ହେଲା ନାବାଳିକାଙ୍କ ପରିବାରକୁ ଦୋକାନ ସାମଗ୍ରୀ ଦିଆଯାଉନି । ଏହି ପରିବାର ସହ କେହି କଥା ମଧ୍ୟ ହେଉ ନାହାନ୍ତି । ଏ ନେଇ ନାବାଳିକାଙ୍କ ପରିବାର ପୁଲିସକୁ ଲିଖିତ ଭାବେ ଅବଗତ କରଛନ୍ତି । ଏନେଇ ବନ୍ଧପଡା ଫାଣ୍ଡି ଅଧିକାରୀ ମଳୟରଞ୍ଜନ ପଣ୍ଡାଙ୍କୁ ପଚାରିବାରୁ ଆଗରୁ ଗାଁ ଲୋକଙ୍କ ସହ ବୁଝାମଣା ହୋଇଥିଲା । ସମ୍ପୃକ୍ତ ପରିବାରକୁ କେହି ବାସନ୍ଦ କରୁ ନ ଥିଲେ । ଏବେ ଯଦି ସେଭଳି ହୋଇଛି ତାହା ହେଲେ ତଦନ୍ତ କରି ବଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି ।

## ତାଳପାଲିପଡା ଶ୍ରୀରାମ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ



ବଲାଙ୍ଗିର,୨୬।୩(ସମିସ): ତାଳପାଲିପଡାରେ ପୁନଃ ନିର୍ମାଣ ହୋଇଥିବା ଶ୍ରୀରାମମନ୍ଦିରର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଉଦ୍‌ଯାପିତ ହୋଇଯାଇଛି । ହୋମଯଜ୍ଞ ସହିତ ପ୍ରଭୁ ଶ୍ରୀ ରାମ, ସୀତାମାତା, ଲକ୍ଷ୍ମଣ ଓ ଭକ୍ତ ହନୁମାନଙ୍କ ବିଗ୍ରହ ପ୍ରତିଷ୍ଠା କରାଯାଇଥିଲା । କଳିକେଶନାରାୟଣ ସିଂଦେଓ ସାଂସଦ ଥିବା ବେଳେ ଅନୁଦାନ ଦେଇ ମନ୍ଦିରନିର୍ମାଣକାମ ଆରମ୍ଭ କରାଇଥିଲେ । ପରେ ପୌରପରିଷଦ ପକ୍ଷରୁ ବିଭିନ୍ନ ଯୋଜନାର ଅନୁଦାନ ଦିଆଯାଇଥିଲା । ଗତବର୍ଷ ମନ୍ଦିରର କାମ ସଂପୂର୍ଣ୍ଣ ହୋଇ ରଙ୍ଗମୁଦ ପଡିଥିଲା । ଏବେ ମନ୍ଦିର ପ୍ରତିଷ୍ଠା ସହିତ ବିଗ୍ରହ ସ୍ଥାପନ କରାଯାଇଛି । ବିଧାୟକ ଶ୍ରୀ ସିଂଦେଓ, ପୌରାଧକ୍ଷା ଲିକା ସାହୁ, ସ୍ଥାନୀୟ କାଉନସିଲର ଅରବିନ୍ଦ ପରୁଆ ମନ୍ଦିର ଉନ୍ନୟନକାମର ଉଦ୍‌ଘାଟନ କରିଥିଲେ । ୨୨ ତାରିଖଠାରୁ ଏହି ଶ୍ରୀରାମ ମନ୍ଦିର ବିଗ୍ରହ ପ୍ରତିଷ୍ଠା ଉତ୍ସବ ଓ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା । ଭବ୍ୟ କାର୍ଯ୍ୟକ୍ରମକୁ ଆୟୋଜକ କମିଟିର ସଭାପତି ଚନ୍ଦ୍ରମଣୀ ତ୍ରୀପାଠୀ, ଉପସଭାପତି ଋଷଭ ପୁଟେଲ, ଜାହ୍ନବୀ ନାଏକ, ସଂପାଦକ ଅରବିନ୍ଦ ପରୁଆ, ସହସଂପାଦକ ଅଶ୍ୱିନୀ ସାଏ, କୋଷାଧକ୍ଷ ମହେନ୍ଦ୍ର ସାଏ, ସହକୋଷାଧକ୍ଷ ଦୁର୍ବାଦଳ ପଟେଲ ପ୍ରମୁଖ ପରିଚାଳନା କରିଥିଲେ । ମନ୍ଦିର ପ୍ରତିଷ୍ଠା କର୍ତ୍ତା ଭାବେ ଦେବାନନ୍ଦ ପଟେଲ ଓ ତାଙ୍କ ପତ୍ନୀ ଜୟନ୍ତୀ ପଟେଲ, ଚବିଶପ୍ରହର ନାମ ଯଜ୍ଞରେ କର୍ତ୍ତା ଭାବେ ରାମକୃଷ୍ଣ ସାଏ ଓ ତାଙ୍କ ପତ୍ନୀ ଦୀପ୍ତିମୟୀ ସାଏ ରହିଥିଲେ । ପ୍ରାୟ ୧୫ ଯୋଡି ପତିପତ୍ନୀ ପ୍ରତ୍ୟହ ହୋମରେ କର୍ତ୍ତା ରୂପେ ସାମିଲ ହୋଇଥିଲେ । କଆଗାଁର ସୁଶାନ୍ତ ମିଶ୍ର ମୁଖ୍ୟ ପୂଜକ ଦାୟିତ୍ୱ ନେଇଥିଲେ । ବିଧାୟକଙ୍କ ଏହି ଗସ୍ତବେଳେ ପୌରାଧକ୍ଷା ଲିକା ସାହୁ, ଦେବଦତ୍ତ ବେହେରା, କମିଟିର ସଭାପତି ଚନ୍ଦ୍ରମଣୀ ତ୍ରିପାଠୀ, ବରିଷ୍ଠ ବିଜେଡି ନେତା ଧ୍ରୁବ ଜ୍ରୁଏଡ, କାଉନସିଲର ଅରବିନ୍ଦ ପରୁଆ ଓ ପୂର୍ବତନ କାଉନସିଲର ଅଶ୍ୱିନୀ ପୁଟେଲ ତଥା ଅନ୍ୟାନ୍ୟ ପଡାବାସୀ ଉପସ୍ଥିତ ଥିଲେ ।

ସୂଚନାଯୋଗ୍ୟ, ଗତ ସାଧାରଣ ନିର୍ବାଚନବେଳେ ବିଧାୟକ କଳିକେଶଙ୍କୁ ସ୍ଥାନୀୟ ଲୋକେ ଏଠାରେ ଏକ କଲ୍ୟାଣ ମଣ୍ଡପ ପାଇଁ ଦାବି କରିଥିଲେ । ଠିକ ସେହିପରି ତାଳପାଲିପଡା ଗାଧୁଆବନ୍ଧର ପଙ୍କ ଉଦ୍ଧାର ପାଇଁ ମଧ୍ୟ ଦାବି କରିଥିଲେ । ଏବେ ଉଭୟ କାମ ଆରମ୍ଭ ହୋଇଛି ।

## ଦେଓଗାଁ ଅଞ୍ଚଳରେ ଶ୍ରୀରାମ ନବମୀ ଉତ୍ସବ

ଦେଓଗାଁ,୨୬।୩(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକର ବିଭିନ୍ନ ଗାଁରେ ଗୁରୁବାର ଶ୍ରୀରାମ ନବମୀ ଉତ୍ସବ ମହାସମାରୋହରେ ପାଳିତ ହୋଇଛି । ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଶିଶୁମାନେ ଶ୍ରୀରାମଚନ୍ଦ୍ର, ସୀତାମାତା, ଲକ୍ଷ୍ମଣ, ଭରତ, ଶତ୍ରୁଘ୍ନ, ହନୁମାନ, ଜନକ ଋଷି ଆଦି ବିଭିନ୍ନ ବେଶରେ ସୁସଜ୍ଜିତ ହୋଇ ଶୋଭାଯାତ୍ରାରେ ଦେଓଗାଁ ଓ କଛାରପାଲି ଗ୍ରାମ ପରିକ୍ରମା କରିଥିଲେ । ଏହି ଅବସରରେ କଛାରପାଲି ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଶିଶୁ କଳାକାରଙ୍କ ଦ୍ୱାରା ସୀତା ବିବାହ ନାଟ୍ୟାଭିନୟ ବେଶ୍ ମନମୁଗ୍ଧକର ହୋଇଥିଲା । ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ ସା, ଆଚାର୍ଯ୍ୟ ଭବାନୀ ଶଙ୍କର ପୁରୋହିତ, କୁନୁ ସାହୁଙ୍କ ସମେତ ସମସ୍ତ ଆଚାର୍ଯ୍ୟମାନେ ସହଯୋଗ କରିଥିଲେ । କେଶରୀଆ ହିନ୍ଦୁବାହିନୀ ପକ୍ଷରୁ ମଧ୍ୟ ସନ୍ତୋଷ ଭୋଳଙ୍କ ନେତୃତ୍ୱରେ କର୍ମକର୍ତ୍ତା ଜୟଶ୍ରୀରାମ ନାରା ଦେଇ ଗାଁ ପରିକ୍ରମା କରିବା ସହ ବିଭିନ୍ନ ଦେବାଦେବୀ ପୀଠରେ ପୂଜାର୍ଚ୍ଚନା କରିଥିଲେ । ଗୋ-ମାତାଙ୍କ ସୁରକ୍ଷା ପାଇଁ ଶପଥ ଗ୍ରହଣ କରିଥିଲେ । ଏଥିସହ ଅନେକ ଗାଁରେ ନାମଯଜ୍ଞ ଅନୁଷ୍ଠିତ ହୋଇଥିଲା ।



## ଆଜିଠୁ ରାମଲୀଳା ମହୋତ୍ସବ

ବଲାଙ୍ଗିର,୨୬ ।୩(ସମିସ): ବଲାଙ୍ଗିର ମାଉସୀ ମାଁ ମନ୍ଦିର ପ୍ରାଙ୍ଗଣରେ ରାମଜୀ ନାଟକ ସଂସଦ ପକ୍ଷରୁ ପ୍ରତି ବର୍ଷ ଭଳି ଏ ବର୍ଷ ମଧ୍ୟ ରାମଲୀଳା ମହୋତ୍ସବ ଅନୁଷ୍ଠିତ ହେବ । ଶୁକ୍ରବାର ଓ ଶନିବାର ୨ ଦିନ ଧରି ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ପ୍ରତି ଦିନ ବୈଶ୍ୟ ସଦାଶିବ ରଚିତ ବିଭିନ୍ନ ଅଧ୍ୟାୟର ନାଟକ ପରିବେଷଣ ହେବ । ୧୫୦ ବର୍ଷର ପାଟଣା ଶାସନର ରାମଲୀଳାରେ ଶୋଭା ପାଉଥିବା କାଠ ମୁଖା ଏବଂ ଛଉ ନୃତ୍ୟରେ ତାଳେ ତାଳେ ଏହା ଆୟୋଜିତ ହେବ । ଶୁକ୍ରବାର ସନ୍ଧ୍ୟାରେ ରାମଜୀପଡା ରାମଜୀ ମନ୍ଦିରରୁ ଏକ ବିରାଟ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବ । ଏଥିରେ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ବିଭିନ୍ନ କଳାକାର ସାମିଲ ହେବେ । ସର୍ବ ପୁରାତନ ରାମଲୀଳା ଅନୁଷ୍ଠାନର କଳାକାର ମଧ୍ୟ ସାମିଲ ହେବେ । ଏକ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦିଆଯାଇଛି । ସାଧାରଣ ସଂପାଦକ ରାମଚନ୍ଦ୍ର ନାଏକଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସାମ୍ବାଦିକ ସମ୍ମିଳନୀରେ ନାଟ୍ୟଗୁରୁ ବାଳମୁକୁନ୍ଦ ବେହେରା, ରବି ନାରାୟଣ ନାଏକ, ଉପସଭାପତି ଚତୁର୍ଭୁଜ ରାଉତ, କୋଷାଧକ୍ଷ ପ୍ରହଲ୍ଲାଦ ଦର୍ଜୀ, ଡା. ରୁଦ୍ରନାରାୟଣ ପଟେଲ, ଚତୁର୍ଭୁଜ ପଟେଲ ପ୍ରମୁଖ ମଞ୍ଚାସୀନ ଥିଲେ । ଶେଷରେ ପ୍ରଶାନ୍ତ ମହାକୁର ଧନ୍ୟବାଦ ଦେଇଥିଲେ ।

## ସୁଦପଡ଼ାରେ ଚବିଶ ପ୍ରହର ନାମଯଜ୍ଞ

ବଲାଙ୍ଗିର,୨୬ ।୩(ସମିସ): ବଲାଙ୍ଗିର ସୁଦପଡ଼ା ରାଧାକୃଷ୍ଣ ମନ୍ଦିର ପୂଜା କମିଟି ତରଫରୁ ଚତୁର୍ଥ ତମ ଚବିଶ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି । ଏହି ଅବସରରେ ଏକ ଭବ୍ୟ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସୁଦପଡା ରାଧାକୃଷ୍ଣ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରିଥିଲା । ଏଥିରେ କର୍ତ୍ତା ବାସନ୍ତୀ ବେହେରା, ଦୁର୍ଗାଚରଣ ବେହେରା, ବଲାଙ୍ଗିର ପୌରାଧକ୍ଷା ଲିକା ସାହୁ, ଅନ୍ୟତମ କର୍ତ୍ତା ଲତା ଖରସେଲ, ସୁବଳ ଚନ୍ଦ୍ର ଖରସେଲ, ରଜନୀ ସାହୁ ଓ ସୂର୍ଯ୍ୟ ସାହୁଙ୍କ ସହ ୫ଶହରୁ ଅଧିକ ମହିଳା ସାମିଲ ହୋଇଥିଲେ । ଟିକ୍ରାପଡାସ୍ଥିତ ରାଣୀବନ୍ଧରୁ କଳସ ଶୋଭାଯାତ୍ରା ବାହାରିଥିଲା । ୨୯ତାରିଖ ପର୍ଯ୍ୟନ୍ତ ଏହା ଚାଲିବ ।

## ବେଲପଡ଼ା କଲେଜ ରସାୟନ ବିଜ୍ଞାନ ବିଭାଗରେ ଆଲୋଚନାଚକ୍ର



ବେଲପଡା,୨୬ ।୩(ସମିସ): ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଅଧକ୍ଷ ସୁରେଶ ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଓ ବିଭାଗ ମୁଖ୍ୟ ଅମୀୟ କୁମାର ବାବୁ ପୌରୋହିତ୍ୟ କରିଥିଲେ । ଏଥିରେ ଟିଟଇଲାଗଡ଼ ଡିଏଭି ସ୍ୱୟଂ ଶାସିତ କଲେଜର ରସାୟନ ବିଜ୍ଞାନ ମୁଖ୍ୟ ନନ୍ଦ କୁମାର ହୋତା ଯୋଗଦେଇ ନାନୋ ଟେକ୍ନୋଲୋଜି ଉପରେ ନିବନ୍ଧ ପରିବେଷଣ କରିଥିଲେ । ଅଧ୍ୟାପକ ସ୍ୱରାଜ ମେହେର ଅତିଥି ପରିଚୟ ପ୍ରଦାନ କରିଥିଲେ । ଅଧ୍ୟାପକ ରୁପେଶ ମେହେର ଧନ୍ୟବାଦ ଅର୍ପଣ କରିଥିଲେ ।

## ଧାମନଡଙ୍ଗା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ହୀରକ ଜୟନ୍ତୀ




କଣ୍ଟାବାଞ୍ଜି,୨୬ ।୩(ସମିସ): ତୁରେକେଲା ବ୍ଲକ୍ ଧାମନଡଙ୍ଗା ପଞ୍ଚାୟତ ସଦର ଗ୍ରାମସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୭୫ତମ ପ୍ରତିଷ୍ଠା ଦିବସ ତଥା ହୀରକ ଜୟନ୍ତୀ ଗୁରୁବାର ଦିନ ପାଳିତ ହୋଇଯାଇଛି । ତୁରେକେଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ଗୌତମ ପୁଟେଲ, ଧାମନଡଙ୍ଗା ସରପଞ୍ଚ ଆରତି ସୁନା, ଯୋଗେଶ୍ୱର ମାଝି (ଅବସରପ୍ରାପ୍ତ ବିଡିସିସି ବ୍ୟାଙ୍କ ମ୍ୟାନେଜର) ଗଜୟ ଦାସ (ସିଆରସିସି, ମାକରଚୁଆଁ), କୁଳମଣି ସାହୁ (ପ୍ରଧାନ ଶିକ୍ଷକ), ଧନସିଂ ମାଝି (ସିଆରସିସି), ଖମେ ରଣା (ୱାର୍ଡ ସଭ୍ୟ), ଗୋଲାପି ପନିକା (ଅଙ୍ଗନବାଡି କର୍ମୀ), ତ୍ରିଲୋଚନ ରଣା (ସାମାଜିକ କର୍ମୀ) ମଞ୍ଚାସୀନ ଥିଲେ । ପ୍ରଧାନ ଶିକ୍ଷକ ନରହରି ତାଣ୍ଡି ଅଧକ୍ଷତା କରିଥିଲେ । ଶିକ୍ଷକ ବିମଳ ହାତୀ ମଞ୍ଚ ପରିଚାଳନା କରିଥିଲେ । ଶିକ୍ଷକ ତରୁଣକାନ୍ତ ନାୟକ ଧନ୍ୟବାଦ ଦେଇଥିଲେ । ଶିକ୍ଷୟତ୍ରୀ ସୁଧା ଜାଲ, ସୁନି ପ୍ରିୟଦର୍ଶିନୀ ପଣ୍ଡା, ଗୋପାଲୁଣି ଭୋଇ ପ୍ରମୁଖ ସହଯୋଗ କରିଥିଲେ ।

## ବେହେରେନସିଲେଟ ବିଦ୍ୟାଳୟରେ ବାର୍ଷିକ ଉତ୍ସବ

କଣ୍ଟାବାଞ୍ଜି,୨୬ ।୩(ସମିସ)

ବଲାଙ୍ଗିର ଜିଲ୍ଲା ତୁରେକେଲା ବ୍ଲକ୍ ବେହେରେନସିଲେଟ ସରକାରୀ ପ୍ରକଳ୍ପ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ଧୁମଧାମରେ ପାଳିତ ହୋଇଛି । ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ପୁଷ୍ପଲତା ମଲ୍ଲିକ, ଶିଶୁ ସାହିତ୍ୟିକ ବିରଞ୍ଚି ନାରାୟଣ ଦାଶ, ଶିକ୍ଷକ ଚୂଡ଼ାମଣି ବେହେରା, ଥମିର ଛତ୍ରିଆ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶଶୀ ପୁଟେଲ, ଉପ ସଭାପତି ଧନମତି ମହତ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ପୁରାତନ ଛାତ୍ର ତଥା ଦୈନିକ 'ସକାଳ'ର ସାମ୍ବାଦିକ ରୋହନ ମହତ, ମୋହନ ସୁନା, ଭାରତୀୟ ସେନାରେ କାର୍ଯ୍ୟରତ ବିଏସଏଫ ଜବାନ ଯଶେଶ୍ୱର ମାଝୀ, ଆକାଶ ନାଏକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ରୀ ଲଳିତା ମାଝୀ ଓ ଯଶୋବନ୍ତୀ ରଣା ମଧ୍ୟ ସମ୍ବର୍ଦ୍ଧିତ ହୋଇଥିଲେ । ପରେ ଛାତ୍ରଛାତ୍ରୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଣ୍ଡା ସଭାପତିତ୍ୱ କରିଥିଲେ । ଶିକ୍ଷକ ତୁଷାର କାନ୍ତ ବଡଜେନା ପ୍ରାରମ୍ଭିକ ସଙ୍ଗୀତ ପରିବେଷଣ କରିଥିଲେ । କୃଷ୍ଣଚନ୍ଦ୍ର ପଣ୍ଡା ସଭା ପରିଚାଳନା କରିଥିଲେ । ଶିକ୍ଷକ ଭୁର୍ଷି ରଣା, ଅସିତ ପ୍ରଧାନ, ପୃଥିରାଜ ବାରଲେବଡିଆ, ଶିଶୁ ସେବିକା ଦ୍ରୌପଦୀ ମାଝୀ, ପାଚିକା ଦହନା ପୁଟେଲ, ପୁଷ୍ପାଞ୍ଜଳି ନାଗ, ବାସନ୍ତୀ ମାଝୀ, ଶ୍ୟାମ ସୁନ୍ଦର ମାଝୀ, ଅଙ୍ଗଦ ପୁଟେଲ, ବସୁଦେବ ନାଗ, ପୁଷ୍ପାଞ୍ଜଳି ନିଆଲ, ସଜନୀ କଟା, ସାବିତ୍ରୀ ମହାନନ୍ଦ ପ୍ରମୁଖ ସହଯୋଗ କରିଥିଲେ ।



### ସାମ୍ବାଦିକ ରୋହନ ମହତଙ୍କ ସମେତ ଅନ୍ୟମାନେ ସମ୍ବର୍ଦ୍ଧିତ

# ଆଜି ରାମନବମୀ; ଦିନକ ପରେ ଆଖଡ଼ା ଶୋଭାଯାତ୍ରା




ରାଉରକେଲା, ୨୬।୩(ସମିସ)

ରାତି ପାହିଲେ ପବିତ୍ର ରାମନବମୀ। ଗୋଟିଏ ମାସ ପୂର୍ବରୁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଏହି ଉତ୍ସବକୁ ଚଳିତ ବର୍ଷ ଭଲ ଓ ସ୍ମରଣୀୟ ଭାବେ ପାଳନ କରିବାକୁ ନେଇ ବ୍ୟାପକ ପ୍ରସ୍ତୁତି କରାଯାଇଛି। ଏହି କ୍ରମରେ ବିଭିନ୍ନ ଆଖଡ଼ା କମିଟି ପକ୍ଷରୁ ସମସ୍ତ ପ୍ରସ୍ତୁତି ଶେଷ ହୋଇଯାଇଛି। ମୁଖ୍ୟରାସ୍ତା ତଥା ବିଶ୍ରା ଛକରୁ ଆରମ୍ଭ କରି ଉଦିତନଗର ଆମ୍ବେଦକର ଛକ ଯାଏଁ ପ୍ରଭୁ ରାମଙ୍କ କମଳାରଙ୍ଗର ପତାକା ରାସ୍ତାର ଦୁଇ ପାର୍ଶ୍ୱରେ ଲଗାଯାଇଛି। ଅନ୍ୟପଟେ ସହରର ରିଙ୍ଗ୍ ରୋଡ ସମେତ ପାନପୋଷ, ସିଭିଲ ଟାଉନସିପ୍, ଏସ୍‌ଟିଆଇ, ଉଦିତନଗର, ବାସନ୍ତୀ କଲୋନୀ, ଛେଣ୍ଡ, କଳିଙ୍ଗ ବିହାର, ପାୱାର ହାଉସ ରୋଡ୍, ଡେଲି ମାର୍କେଟ ସମେତ ଅନ୍ୟ ଅଞ୍ଚଳର ମୁଖ୍ୟ ରାସ୍ତାରେ ପତାକା ଲଗାଯାଇଛି। ରାମନବମୀ ଉତ୍ସବକୁ କିପରି ଶାନ୍ତିଶୃଙ୍ଖଳାର ସହ ପାଳନ କରାଯିବ, ସେ ନେଇ ବିଶେଷ ଧ୍ୟାନ ଦିଆଯାଇଛି। ମୋଟ୍ ୧୫ଟି ଆଖଡ଼ା କମିଟି ଯଥା ବସ୍‌ଷ୍ଟାଣ୍ଡର ତ୍ରିନାଥ ଆଖଡ଼ା, ବିଶ୍ରା ଛକ ମହାବୀର ଆଖଡ଼ା, ଟ୍ରାଫିକ ମାର୍କେଟ ପଞ୍ଚତୀର୍ଥ ମନ୍ଦିର ଜୟ ହନୁମାନ ଆଖଡ଼ା, ମହତାବ ରୋଡ ଶିବଶକ୍ତି ଆଖଡ଼ା, ତିଳକ୍ ଗଳି ମହକାଳ ଆଖଡ଼ା, ଓଲ୍ଡଟ୍ୟାକ୍ସି ଷ୍ଟାଣ୍ଡ ଭୂତନାଥ ଆଖଡ଼ା, ଡେଲି ମାର୍କେଟ ନବ ଯୁବକ ସଂଘ ଆଖଡ଼ା, ଲାଲ ବିଲ୍ଡିଂ ଗଳି ଶିବାଜୀ ଆଖଡ଼ା, ବିଶ୍ରା ଡାହାର ଜୟ ହନୁମାନ ଆଖଡ଼ା, ମାଲଗୋଦାମ ରାଣା ପ୍ରତାପ ଦଳ ଆଖଡ଼ା, କୁମ୍ଭାର ପଡ଼ା ବାବା ଶମ୍ଭୁନାଥ ଆଖଡ଼ା, ଉଦିତନଗର ରୁଦ୍ର ବାବା ଆଖଡ଼ା ଆଦି ପକ୍ଷରୁ ପ୍ରସ୍ତୁତି ଶେଷ ହୋଇଯାଇଛି। ସେହିପରି ସେକ୍ଟର ଅଞ୍ଚଳର ୧୦ଟି ଆଖଡ଼ା କମିଟି ସମେତ ପାନପୋଷ, ଏସ୍‌ଟିଆଇ, ବନ୍ଧମୁଣ୍ଡା, ବିଶ୍ରା ଓ ବେଦବ୍ୟାସ ଅଞ୍ଚଳର ଆଖଡ଼ା କମିଟି ପକ୍ଷରୁ ମଧ୍ୟ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିବା କୁହାଯାଇଛି। ରାମନବମୀକୁ ନେଇ ପାନପୋଷ, ଏସ୍‌ଟିଆଇ, ଉଦିତନଗର, ଡେଲି ମାର୍କେଟ, ଷ୍ଟେସନ ନିକଟ ମାର୍କେଟ ସମେତ ଅନ୍ୟ ଅଞ୍ଚଳର ମାର୍କେଟ ଗୁଡ଼ିକରେ ପ୍ରଭୁ ରାମଙ୍କ ପତାକା ବିକ୍ରି ହେଉଥିବା ଜଣାପଡ଼ିଛି। ରାମଭକ୍ତ ସମେତ ଲୋକେ ପତାକା କ୍ରୟ କରି ନେଉଥିବା ପରିଲକ୍ଷିତ ହୋଇଛି। ଗୁରୁବାର ପ୍ରଭୁ ହନୁମାନଙ୍କ ବିଗ୍ରହ ସ୍ଥାପନ କରାଯାଇଥିବା କୁହାଯାଇଛି। ଅପରପକ୍ଷେ ଆଖଡ଼ା ଶୋଭାଯାତ୍ରାକୁ ନେଇ ବିଭିନ୍ନ ଖେଳ ପ୍ରଦର୍ଶନ ପାଇଁ କମିଟିର ସଦସ୍ୟ ଅଭ୍ୟାସ ଜାରି ରଖିଛନ୍ତି। ଶୁକ୍ରବାର ଆଖଡାରେ ପୂଜା ଅନୁଷ୍ଠିତ ହେବ। ଶନିବାର ମୁଖ୍ୟ ରାସ୍ତାରେ ଆଖଡ଼ା ଶୋଭାଯାତ୍ରା ବାହାରିବ ବୋଲି ଜଣାପଡ଼ିଛି।

# ଜୟ ଶ୍ରୀରାମ ଧ୍ୱନିରେ କମ୍ପିଲା ଲହୁଣୀପଡ଼ା



**ଲହୁଣୀପଡ଼ା, ୨୬।୩(ସମିସ):** ଶ୍ରୀରାମ ନବମୀ ମହୋତ୍ସବ ସମିତି ଲହୁଣୀପଡ଼ା ଏବଂ ବଜରଙ୍ଗ ଦଳର ସଂଯୋଜନାରେ ଶ୍ରୀରାମ ନବମୀ ମହୋତ୍ସବ ପଳିତ ହୋଇଯାଇଛି। ଏହି ଅବସରରେ ଏକ ମୋଟରସାଇକେଲ ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ମୁଖ୍ୟ ଅତିଥି ଭାବେ ରାଉରକେଲା ଯୁବମୋର୍ଚ୍ଚା ସଭାପତି ଅବିନାଶ ବ୍ରହ୍ମ, ମୁଖ୍ୟବକ୍ତା ଭାବେ ରାଉରକେଲା ବିଭାଗ ସଂଘ ଚାଳକ ଅନାଦି ଚରଣ ମାହାନ୍ତ, ନିମନ୍ତ୍ରିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ଓଡ଼ିଶା ପଶ୍ଚିମ ପ୍ରାନ୍ତ ସମରସତା ପ୍ରମୁଖ ହୃଦୟ କୁମାର ମାହାନ୍ତ, ଅବସରପ୍ରାପ୍ତ ବନବିଭାଗ କର୍ମଚାରୀ ଆଶିଷ ସାମଲ ଏବଂ ସମ୍ମାନିତ ଅତିଥି ଭାବେ ବିଶ୍ୱହିନ୍ଦୁ ପରିଷଦ ବଣାଇଁ ଜିଲ୍ଲା ସମ୍ପାଦକ ଆଲୋକ କୁମାର ମାହାନ୍ତ ମଞ୍ଚାସିନ ଥିଲେ। ବଜରଙ୍ଗ ଦଳ ଜିଲ୍ଲା ସଂଯୋଜକ ରୋହିତ କୁମାର ମାହାନ୍ତ ମଞ୍ଚ ପରିଚାଳନା କରିଥିଲେ। ଆଖଡ଼ା ଶୋଭାଯାତ୍ରା ସମୟରେ ବଜରଙ୍ଗ ଆଖଡ଼ା ଦ୍ୱାରା ପାରମ୍ପାରିକ ଲାଠିଖେଳ ପ୍ରଦର୍ଶନ କରା ଯାଇଥିଲା। ଏହି ସମୟରେ ଅଯୋଧ୍ୟା ଶ୍ରୀରାମ ମନ୍ଦିରର ଏକ ମେଢ଼ ସହିତ ଓଡ଼ିଶୀ ନୃତ୍ୟ, ପାରମ୍ପାରିକ ଅସ୍ତ୍ରଶସ୍ତ୍ର ମେଢ଼, ନାଗାଡା ବାଦ୍ୟ ଗ୍ରୁପ, ବାହୁବଳି ହନୁମାନ, ଶ୍ରୀରାମ ରଥ ସହିତ ସୁସଜ୍ଜିତ ଶ୍ରୀରାମ, ଲକ୍ଷ୍ମଣ, ସୀତା ଓ ହନୁମାନ ବେଶ ଧାରଣ କରିଥିବା ଜାଙ୍କି ଜନସାଧାରଣ ଓ ଦର୍ଶକଙ୍କୁ ଆକର୍ଷିତ କରିଥିଲା। ପରିଚାଳନା କମିଟିର ଅମ୍ରିତ ରାୟ, ଗୁଡ୍ଡୁ ଚୌଧୁରୀ, ବିର୍ଜୁ ପଣ୍ଡିତ, ସିନ୍ଧୁ ଅଧିକାରୀ, ଶିବ ସା, ବିକି ମାହାନ୍ତ, ସଞ୍ଜିବ ଗୁପ୍ତା, ତୁଫାନ ପଣ୍ଡା, ନିତେଶ ଜୟସ୍ୱାଲ, ଅରୁଣ ମଲ୍ଲିକ, ଅମିତ୍ ସା, ସନ୍ଦୀପ ମାହାନ୍ତ, ପରମେଶ୍ୱର ମାହାନ୍ତ, ରାହୁଲ ବର୍ମା, ବିକାଶ ଜୟସ୍ୱାଲ ପ୍ରମୁଖଙ୍କ ସହଯୋଗରେ ଶୋଭାଯାତ୍ରା ଆୟୋଜିତ ହୋଇଥିଲା।

# ଏମ୍‌ଜିଏମ୍ ସ୍କୁଲରେ ୟୁକେଜି ସ୍ନାତକ ଦିବସ

**ରାଉରକେଲା, ୨୬।୩(ସମିସ):** ସ୍ଥାନୀୟ ଜଗଦା ସ୍ଥିତ ଏମ୍‌ଡିଏମ୍ ସ୍କୁଲ ଅଡିଟୋରିୟମରେ ୟୁକେଜି ସ୍ନାତକ ଦିବସ ପାଳନ ହୋଇଛି। ଶିକ୍ଷୟିତ୍ରୀ ମଧୁସ୍ମିତା କର ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏଥିରେ କୋଲକତା ଡାୟୋସିସ୍ ଡିଇଓ ଫାଦର. ରେଜି ସି. ଭାର୍ଗୀସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଏମ୍‌ଜିଏମ୍ ସ୍କୁଲ ଅଧ୍ୟକ୍ଷ ଫାଦର. ଭି. ଡାନିଏଲ ସମାବେଶକୁ ସ୍ୱାଗତକରି ଶିଶୁଙ୍କ ଜୀବନରେ ସାମଗ୍ରୀକ ବିକାଶର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ଶିକ୍ଷୟିତ୍ରୀ ଜୟନ୍ତୀ ପତି, ରେଖାମିଶ୍ର, ମାୟା ମନୋଜ ଡାନିଏଲ, ଶ୍ୱେତାଠାକୁର ଏବଂ ସ୍ନିଗ୍ଧା ମହାନ୍ତିଙ୍କ ସମେତ ଅନ୍ୟମାନେ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାକ୍ତନ ଛାତ୍ର ଅରବିନ୍ଦ ଶର୍ମା ଏବଂ ରାଜୀବ ମହାତୋଙ୍କ ସମେତ ଅଭିଭାବକମାନେ ବିଦ୍ୟାଳୟ ଏବଂ ଏହାର ଶିକ୍ଷାଦାନ ପଦ୍ଧତି ପ୍ରତି ସେମାନଙ୍କର ପ୍ରଶଂସା ବାଣ୍ଟିଥିଲେ। ଶିକ୍ଷୟିତ୍ରୀ ରୁଚି ଗୋୟଲ ମଧ୍ୟ ତାଙ୍କର କୃତଜ୍ଞତା ପ୍ରକାଶ କରିଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀଙ୍କୁ ସ୍ନାତକ ପ୍ରମାଣପତ୍ର ପ୍ରଦାନ କରାଯିବା ସହ ବିଶେଷ ଉପାଧି ପ୍ରଦାନ କରାଯାଇଥିଲା। ଦକ୍ଷଦିଶ ରାୟଗୁରୁଙ୍କୁ ପ୍ରିନ୍ସ ଏବଂ ରୀଭା ମହାପାତ୍ରଙ୍କୁ ପ୍ରିନ୍ସି ଭାବରେ ନାମିତ କରାଯାଇଥିଲା। ପ୍ରାଥମିକ ଶିକ୍ଷୟିତ୍ରୀ ସ୍ନିଗ୍ଧା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।



# ଜାତୀୟ ପାରାଆଥଲେଟିକ୍ ଚାମ୍ପିଅନ୍‌ସିପ୍‌ରେ ସ୍ୱାଧୀନଙ୍କୁ ରୌପ୍ୟ

**ରାଉରକେଲା, ୨୬।୩(ସମିସ):** ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ୨୪ତମ ଜାତୀୟ ପାରା ଆଥଲେଟିକ୍ ଚାମ୍ପିଅନ୍‌ସିପ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଜିଲ୍ଲାର ଖେଳାଳି ସ୍ୱାଧୀନ ମାହାର ଲଙ୍ଗଜମ୍ପ୍‌ରେ ଭାଗ ନେଇ ରୌପ୍ୟ ପଦକ ହାସଲ କରିଛନ୍ତି। ସର୍ବୋତ୍ତମ ୬.୬୨ ମିଟର ଦୂରତା ଜମ୍ପ କରିଛନ୍ତି। ତାଙ୍କର ଏହି କୃତକାର୍ଯ୍ୟ ପାଇଁ ଓଡ଼ିଶା ସରକାର ଉପନିର୍ଦ୍ଦେଶକ ଖେଳବିଭାଗ ସୁଦୀପ୍ତ ନାୟକ, ଅନୀଲ ବହିଦାର, ଓଡ଼ିଶା ବକ୍ସିଂ ସଂଘ ସାଧାରଣ ସମ୍ପାଦକ ରଘୁନନ୍ଦନ ପାଢ଼ୀ, ଜିଲ୍ଲା ଖେଳକୁଦ ସଂଘ ସାଧାରଣ ସମ୍ପାଦକ ପ୍ରଭାତ ଭୋଳ, ବିମଳ ବୋଷ, ଦୁର୍ଗାମାଧବ ନାୟକ, ପ୍ରଶାନ୍ତ ପଟେଲ, ଚିତ୍ତ ବହିଦାର, ରାଏମା କ୍ଲବ୍ ସାଧାରଣ ସମ୍ପାଦକ ବାସୁଦେବ ବାନାର୍ଜୀ, ସଭାପତି ବିଷ୍ଣୁ ମହାନ୍ତି, ସନ୍ତୋଷ ଭୂୟାଁ, ଅରିଜିନାଲ ପାୱାର କ୍ଲବ୍ ସାଧାରଣ ସମ୍ପାଦକ ଓପି ସିଂ, ଏନ୍‌ଆଇଏସ୍ କୋଚ ବିକ୍ରମ ସ୍ୱାଇଁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।



# ଆର୍‌ଏସ୍‌ପିର ଟାଉନ୍ ଇଞ୍ଜିନିୟରିଂରେ ଟ୍ରାନ୍ସଫର୍ମରର ପୁନରୁଦ୍ଧାର



**ରାଉରକେଲା, ୨୬।୩(ସମିସ):** କାର୍ଯ୍ୟରେ ପାରଦର୍ଶିତା ଏବଂ ମୂଲ୍ୟ-ସଚେତନ ନବସୃଜନର ଉଲ୍ଲେଖନୀୟ ପ୍ରଦର୍ଶନରେ, ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟର ଟାଉନ୍ ଇଞ୍ଜିନିୟରିଂ ୟୁନିଟ୍, ସଫଳତାର ସହିତ ୩୩ କେଭି/୧୧ କେଭି, ୩ ଏମଭିଏ ଟ୍ରାନ୍ସଫର୍ମର ନମ୍ବର ୮ ର ସମ୍ପୂର୍ଣ୍ଣ ନବୀକରଣ ଓ ମରାମତି କରିଛି। ଆର୍‌ଏସ୍‌ପି ଟାଉନସିପର ବିଭିନ୍ନ ଅଞ୍ଚଳକୁ ବିଦ୍ୟୁତ୍ ଯୋଗାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଥିବା ଟ୍ରାନ୍ସଫର୍ମରଟି ସ୍ୱାଭାବିକ କାର୍ଯ୍ୟ କରୁ ନ ଥିଲା। ଏହାର ବୈଷୟିକ ମାନ ଗ୍ରହଣୀୟମାନକଠାରୁ ନିମ୍ନରେ ଥିଲା, ଅଧିକନ୍ତୁ ତେଲ ଲିକେଜ୍ ଓ ଇନସୁଲେଟିଂ ଗାସ୍କେଟ ଗୁଡ଼ିକ କ୍ଷତିଗ୍ରସ୍ତ ହୋଇଥିବା ଜଣାପଡ଼ିଥିଲା। ଏହି ପଦକ୍ଷେପ କେବଳ ଟ୍ରାନ୍ସଫର୍ମରର କାର୍ଯ୍ୟକ୍ଷମତାକୁ ବୃଦ୍ଧି କରିନଥିଲା ବରଂ ଏହାର ସେବା ଜୀବନକୁ ୧୦ ବର୍ଷରୁ ଅଧିକ ବୃଦ୍ଧି କରିଥିଲା। ନୂତନ ଟ୍ରାନ୍ସଫର୍ମର କ୍ରୟ ପାଇଁ ପ୍ରାୟ ୬୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାନ୍ତା, କିନ୍ତୁ ସମ୍ପୂର୍ଣ୍ଣ ନବୀକରଣ ପ୍ରାୟ ୩ ଲକ୍ଷ ଟଙ୍କା ମୂଲ୍ୟରେ ସମ୍ପନ୍ନ ହୋଇଥିଲା ଯାହା ଏକ ପ୍ରଭାବଶାଳୀ ସଞ୍ଚୟ ଅଟେ। ପୁନରୁଦ୍ଧାର ଟ୍ରାନ୍ସଫର୍ମରଟି ଆଗାମୀ ୧୦ ରୁ ୧୨ ବର୍ଷ ସେବା ପ୍ରଦାନ କରିବ। ଏହି ଅବସରରେ ଜିଏମ୍ ମହମ୍ମଦ ଆସରଫ ସିଦ୍ଦିକି, ଜିଏମ୍ ଏସ୍.କେ. ପ୍ରଧାନ ଏବଂ ଟାଉନ ଇଞ୍ଜିନିୟରିଂ ବିଭାଗର ଅନ୍ୟ ଅଧିକାରୀ ଓ ଅନେକ କର୍ମଚାରୀ ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ ଟାଉନ୍ ଇଞ୍ଜିନିୟରିଂ ବିଭାଗକୁ ସେକ୍ଟର-୬ ଏବଂ ସେକ୍ଟର-୨ରେ ୩୩ କେଭି/୧୧ କେଭି, ୩ ଏମଭିଏ ପାୱାର ଟ୍ରାନ୍ସଫର୍ମର ଏବଂ ସମ୍ପୃକ୍ତ ସହାୟକ ଉପକରଣର ୨୪ ଘଣ୍ଟା ରକ୍ଷଣାବେକ୍ଷଣ ଦାୟିତ୍ୱ ଦିଆଯାଇଛି। ଏହି ବିଭାଗ ଜଳ ଯୋଗାଣ ବ୍ୟବସ୍ଥା, ହସ୍ପିଟାଲ, କ୍ଲବ ଏବଂ ଅଫିସ୍ ପ୍ରତିଷ୍ଠାନ ଭଳି ଗୁରୁତ୍ୱପୂର୍ଣ୍ଣ ସାର୍ବଜନୀନ ଉପକ୍ରମ ଗୁଡ଼ିକ ସହିତ ପ୍ରାୟ ୨୦ ହଜାର କମ୍ପାନୀ କ୍ୱାର୍ଟର୍ସକୁ ନିର୍ଭରଯୋଗ୍ୟ ବିଦ୍ୟୁତ୍ ଯୋଗାଣ ନିଶ୍ଚିତ କରୁଛି।

# ଆମ୍ବେଦକର ପରିବାର ପକ୍ଷରୁ ଜିଲ୍ଲାପାଳଙ୍କୁ ସାକ୍ଷାତ



**ରାଉରକେଲା, ୨୬।୩(ସମିସ):** ସୁନ୍ଦରଗଡ଼ ଆମ୍ବେଦକର ପରିବାର ତରଫରୁ ସଭାପତି ପ୍ରଫୁଲ୍ଲ ସୁନ୍ୟାନିଙ୍କ ନେତୃତ୍ୱରେ ଜିଲ୍ଲାପାଳ ଡା. ଶୁଭଙ୍କର ମହାପାତ୍ରଙ୍କୁ ସାକ୍ଷାତ କରି ବିଭିନ୍ନ ଦାବି ଉପସ୍ଥାପନ କରାଯାଇଛି। ଏପ୍ରିଲ ୧୪ ତାରିଖରେ ଡ. ଆମ୍ବେଦକରଙ୍କ ଜୟନ୍ତୀ ପାଳନ ଉତ୍ସବ ସୁନ୍ଦରଗଡ଼ ସରକାରୀ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସମ୍ମୁଖରେ ଥିବା ଯାତ୍ରା ପଡ଼ିଆରେ ପାଳନ ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇ ଆବେଦନପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ଉକ୍ତଦିନ ୧୨ଟାରେ ଆମ୍ବେଦକରଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ପରେ ସାଂସ୍କୃତିକ ଶୋଭାଯାତ୍ରା ଏବଂ ସନ୍ଧ୍ୟାରୁ ଯାତ୍ରା ପଡ଼ିଆରେ ଆମ୍ବେଦକରଙ୍କ ଜୟନ୍ତୀ ଉପଲକ୍ଷେ ଏକ ସଭା ସହିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି। ତେଣୁ ଏହିସବୁ କାର୍ଯ୍ୟକ୍ରମ କରିବାକୁ ରାତି ୧୧ଟା ପର୍ଯ୍ୟନ୍ତ ଅନୁମତି ପ୍ରଦାନ ପାଇଁ ସଂଘ ତରଫରୁ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯାଇ ଥିଲା। ଏହି ସମୟରେ ଆମ୍ବେଦକର ପରିବାରର ପଞ୍ଚା ବରଲା, ବେଣୁଧର ତଣ୍ଡିଆ, ଜୟନାରାୟଣ ତ୍ରିପାଠୀ, ରମେଳ୍ୱର ଟପ୍ପୋ, ବରୁଣ ବାଗ, ବିଶ୍ୱମ୍ଭର ମହାନନ୍ଦ, ଲଳିନ୍ଦ୍ର ସିଂହ, ମନୋଜ କୁମାର ବାଦୀ ଏବଂ ଲବଣୀଧର ବାଘ ଉପସ୍ଥିତ ଥିଲେ।

## ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପ୍ରସ୍ତୁତି ବୈଠକ

**ବଣାଇଁ, ୨୬।୩(ସମିସ):** ବଣାଇଁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ସ୍ୱଦୀପ ଟପ୍ପୋଙ୍କ ଅଧ୍ୟକ୍ଷତାରେ ଉପଖଣ୍ଡସ୍ତରୀୟ ଓଡ଼ିଶା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଓଡ଼ିଆ ପ୍ରବନ୍ଧ, ଓଡ଼ିଆ ବକ୍ତୃତା, ଦେଶାତ୍ମବୋଧକ ସଙ୍ଗୀତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପ୍ରସ୍ତୁତି ବୈଠକରେ ବଣାଇଁ ଡେପୁଟି କଲଲେକ୍ଟର ସ୍ୱାଗତିକା ଦଳପତି, ଶିଭାଙ୍ଗୀ ଆନନ୍ଦ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ବୈଠକରେ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ପୁଷ୍ପାଞ୍ଜଳି ସାହୁ ସ୍ୱାଗତ ଭାଷଣ ଦେଇଥିଲେ।

## ଏସ୍‌ବିଆଇ ଶାଖାରେ ରହୁନାହିଁ ପର୍ଯ୍ୟାପ୍ତ ଟଙ୍କା

# ନିରାଶ ହୋଇ ଫେରୁଛନ୍ତି ଗ୍ରାହକ

**ଲହୁଣୀପଡ଼ା, ୨୬।୩(ସମିସ):** ଲହୁଣୀପଡ଼ା ବ୍ଲକ ଅଧୀନ ଉଲସରେଇ ସ୍ଥିତ ଭାରତୀୟ ଷ୍ଟେଟବ୍ୟାଙ୍କ ଶାଖାରେ ପର୍ଯ୍ୟାପ୍ତ ନଗଦ ଟଙ୍କା ରହୁ ନ ଥିବାରୁ ବ୍ୟାଙ୍କକୁ ଆସି ନିରାଶ ହୋଇ ଫେରୁଛନ୍ତି ଗ୍ରାହକ। ଲହୁଣୀପଡ଼ା ବ୍ଲକ ଆଦିବାସୀ ବହୁଳ ବ୍ଲକ ହୋଇ ଥିବାରୁ ଅନଲାଇନ ଟଙ୍କା କାରବାର ବଦଳରେ ନଗଦ ଟଙ୍କା କାରବାରକୁ ଅଧିକ ବିଶ୍ୱାସ କରିଥାନ୍ତି। କେନାପାଲି, ଠାକୁରପାଲି, କୁଡେଇକଳା, ଥେଣ୍ଟେଇପୋଷ ଭଳି ଗ୍ରାମରୁ ଗ୍ରାହକମାନେ ବୁଧବାର ମଧ୍ୟାହ୍ନରେ ବ୍ୟାଙ୍କରେ ପହଞ୍ଚି ଟଙ୍କା ଉଠାଣ ଫର୍ମ ଫିଲପ୍ କରି ଆକାଉଣ୍ଟ ପାଖରେ ଫର୍ମ ଦାଖଲ କରିବା ସମୟରେ ନଗଦ ଟଙ୍କା ବ୍ୟାଙ୍କରେ ନଥିବା କହି ଆକାଉଣ୍ଟ ଗ୍ରାହକମାନଙ୍କୁ ଫେରାଇ ଦେଇଥିବା ଜଣାପଡ଼ିଛି। ଏ ନେଇ ଉଲସରେଇ ବ୍ୟାଙ୍କ ମ୍ୟାନେଜରଙ୍କୁ ଯୋଗା




ଯୋଗ ପାଇଁ ଚେଷ୍ଟା କରିଥିଲେ ମଧ୍ୟ ସେ ଛୁଟିରେ ଥିବାରୁ ଅନ୍ୟ କର୍ମଚାରୀମାନେ ଆମେ ନିରୁପାୟ ବୋଲି କହିଛନ୍ତି। ହେଲେ ବ୍ୟାଙ୍କରେ ନଗଦ ଟଙ୍କାର ଅଭାବ ସାଧାରଣ ଗ୍ରାହକ ମାନଙ୍କୁ ଦୁବିଧାରେ ପକାଇଛି। ଏଭଳି ଘଟଣା ବୁଧବାର ଉଲସରେଇ ସ୍ଥିତ ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖରେ ଦେଖିବାକୁ ମିଳିଥିଲା। ବ୍ୟାଙ୍କ ପ୍ରାୟ ୫ ରୁ ୬ ପଞ୍ଚାୟତର ସାଧାରଣ ଆଦିବାସୀ ଉପଭୋକ୍ତା ନିର୍ଭରଶୀଳ। ଏଣୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ସହ ସାଧାରଣ ଗ୍ରାହକମାନଙ୍କ ନିଜସ୍ୱ ଅଧିକାର ପ୍ରଦାନରେ ସହାୟକ ହେବାକୁ ଗ୍ରାହକମାନଙ୍କୁ ତରଫରୁ ନିବେଦନ କରାଯାଇଛି।

# ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂତତ୍ତ୍ୱ ବିଜ୍ଞାନ ବିଭାଗର ଶୈକ୍ଷିକ ଭ୍ରମଣ



**କୁତ୍ରା, ୨୬।୩(ସମିସ):** ରାଉରକେଲା ସ୍ୱୟଂଶାସିତ ମହାବିଦ୍ୟାଳୟ ଭୂ-ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ମୃତି ସ୍ନିଗ୍ଧା ମିଶ୍ରଙ୍କ ନେତୃତ୍ୱରେ +୩ ଛାତ୍ର/ଛାତ୍ରୀ ଓ ଅଧ୍ୟାପିକା ଓ ଅଧ୍ୟାପକ ମାନେ ଜେ.ଏସ୍.ଡବ୍ଲୁ ଶିବା ସିମେଣ୍ଟ, କୁତ୍ରାର ଖତକୁରବାହାଲ ସ୍ଥିତ ଚୂନପଥର ଖଣି ପରିଦର୍ଶନରେ ଯାଇଥିଲେ। ଜେ.ଏସ.ଡବ୍ଲୁ ଶିବା ସିମେଣ୍ଟର ମାନବ ସମ୍ବଳ ବିଭାଗର ସୌଭାଗ୍ୟ ମିଶ୍ର, ଭୂ-ବିଜ୍ଞାନୀ ତୋଫାନ ସିଂହ ଓ ରିତେଶ ଛୋଟରାୟ ଛାତ୍ରଛାତ୍ରୀ ଓ ଅଧ୍ୟାପିକାମାନଙ୍କୁ ଖତକୁରବାହାଲ ଚୂନପଥର ଖଣି ସ୍ଥିତ କାର୍ଯ୍ୟାଳୟରେ ସ୍ୱାଗତ କରିଥିଲେ। ଏହାପରେ ଭୂ-ବିଜ୍ଞାନୀ ତୋଫାନ ସିଂହ ଓ ରିତେଶ ଛୋଟରାୟ ପ୍ରୋଜେକ୍ଟର ସହାୟତାରେ ଛାତ୍ରଛାତ୍ରୀ ଓ ଅଧ୍ୟାପିକା ଓ ଅଧ୍ୟାପକଙ୍କୁ ସୁନ୍ଦରଗଡ଼ ଜିଲ୍ଲାରେ ଚୂନପଥର ଖଣି ଭଣ୍ଡାର ସ୍ଥିତି, ପଥର ଉତ୍ତୋଳନ, ପ୍ରକ୍ରିୟା କରଣ, ପରିବହନ ବିଷୟରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଭୂ-ବିଜ୍ଞାନ ବିଭାଗର ବିଭାଗୀୟ ମୁଖ୍ୟ ଅଧ୍ୟାପିକା ସ୍ମୃତି ସ୍ନିଗ୍ଧା ମିଶ୍ରଙ୍କ ସହ ଅଧ୍ୟାପିକା ଦେବସ୍ମିତା ମିଶ୍ର, ସାନୁପ୍ରଭା ମହାପାତ୍ର, ଧରିତ୍ରୀ ଭଇଁସାଲ, ସୋନାଲୀ ମୋନାଲିସା ମହନ୍ତ ସହଯୋଗ କରିଥିଲେ।

# ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ରାଉରକେଲା ଗସ୍ତ



**ରାଉରକେଲା, ୨୬।୩(ସମିସ):** ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀକାନ୍ତ ସାହୁ ଆଜି ରାଉରକେଲା ଗସ୍ତରେ ଆସି ଆଙ୍ଗନବାଡ଼ି କେନ୍ଦ୍ର ସହିତ ଛତୁଆ ତିଆରିକେନ୍ଦ୍ର ଗୁଡ଼ିକ ପରିଦର୍ଶନ କରିଛନ୍ତି। ଶ୍ରୀ ସାହୁ ପ୍ରଥମେ ପ୍ଲାଣ୍ଟସାଇଡ ଆଙ୍ଗନବାଡ଼ି କେନ୍ଦ୍ର ବୁଲି ଦେଖି ଥିଲେ। ଏହାପରେ ଆଚାର୍ଯ୍ୟ ହରିହର ବିଦ୍ୟାଳୟର ପରିଦର୍ଶନ କରି ମଧ୍ୟାହ୍ନ ଭୋଜନମାନ ଯାଞ୍ଚ କରିଥିଲେ। ଏହାବ୍ୟତୀତ ଅବନୀକାନ୍ତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ପାନପୋଷ ଉପଖଣ୍ଡର ବିଶ୍ରା, କୁଆରମୁଣ୍ଡା ବ୍ଲକ, ଲାଠିକଟା ନୂଆଗାଁ ବ୍ଲକର ଖାଦ୍ୟ ସୁରକ୍ଷା ଯୋଜନା, ଅନ୍ତୋଦୟ ଯୋଜନା, ରାସନକାର୍ଡରେ ନୂତନ ହିତାଧିକାରୀ ସାମିଲ ହେବା ଆଦି ବିଷୟରେ ଆଲୋଚନା କରାଯାଇଥିଲା। ସେ ଅଯୋଗ୍ୟ ହିତାଧିକାରୀମାନଙ୍କୁ ରେସନ୍ କାର୍ଡରୁ ବାଦ ଦେବାପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଅନୁସୂଚିତ ଜାତିଜନଜାତିର ହୋଷ୍ଟେଲ ଆକାଂକ୍ଷା ଅନ୍ୱେଷାମାନଙ୍କର ବ୍ୟବସ୍ଥା, ବିଭିନ୍ନ ସ୍କୁଲର ଏମ୍‌ଡିଏମ୍ ବ୍ୟବସ୍ଥାର, ଆଙ୍ଗନବାଡି କେନ୍ଦ୍ରର ବ୍ୟବସ୍ଥା ସମୀକ୍ଷା କରିଥିଲେ। ବୈଠକରେ ଉପଜିଲ୍ଲାପାଳ ବିଜୟ କୁମାର ନାୟକ, ଅତିରିକ୍ତ ଯୋଗାଣ ଅଧିକାରୀ ସଞ୍ଜୟ ପ୍ରକାଶ ପ୍ରଧାନ, ସମସ୍ତ ବ୍ଲକ ଉନ୍ନୟନ ଅଧିକାରୀମ, ରାଉରକେଲା ଅତିରିକ୍ତ ଯୋଗାଣ ଅଧିକାରୀ ଜ୍ୟୋତ୍ସ୍ନାରାଣୀ କର୍ଣ୍ଣ, ସହକାରୀ ଯୋଗାଣ ଅଧିକାରୀ ସଞ୍ଜିତା ପଟ୍ଟନାୟକ, ଏସ୍‌ଏସ୍‌ଏସ୍‌ଓ ମିନୁ ତଣ୍ଡିଆଙ୍କ ସହିତ ସିଡିପିଓ ଉପସ୍ଥିତ ଥିଲେ।

# ଆର୍‌ଏସ୍‌ପିର ଶିଳ୍ପାଞ୍ଚଳ ବସ୍ତି ଅଞ୍ଚଳରେ ସ୍ୱଚ୍ଛତା ପାକ୍ଷିକ କାର୍ଯ୍ୟକ୍ରମ

ରାଉରକେଲା, ୨୬।୩(ସମିସ)

ରାଉରକେଲା ଷ୍ଟିଲ୍‌ପ୍ଲାଣ୍ଟ ଅଧୀନରେ ଚଳିତ ସ୍ୱଚ୍ଛତା ପାକ୍ଷିକ ପାଳନ ଅବସରରେ ଶିଳ୍ପ ଟାଉନସିପ୍ ଅଧୀନ ସେକ୍ଟର-୧୬ ଜଗନ୍ନାଥପାଲି ବସ୍ତିରେ ଏକ ବିଶାଳ ସ୍ୱଚ୍ଛତା ଅଭିଯାନ ଆୟୋଜନ କରାଯାଇଥିଲା। ଏହି ଅଭିଯାନର ନେତୃତ୍ୱ ସିଜିଏମ୍ (ଟାଉନ୍ ଇଞ୍ଜିନିୟରିଂ ଏବଂ ଉଦ୍ୟାନ କୃଷି) ବିକେ ଜୋଜୋ ନେଇଥିଲେ। ଏହି ଅବସରରେ ଜିଏମ୍ (ଟିଇ-ପିଏଚ୍) ହର ପଟ୍ଟନାୟକ, ଡେପୁଟି ଚିଫ୍ ମେଡିକାଲ୍ ଅଫିସର (ଟିଇ-ପିଏଚ) ଡ. ଦୀପା ଲାଭାଙ୍ଗରେ ଏବଂ ପ୍ଲାଣ୍ଟର ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆର୍‌ଏସ୍‌ପିର ସ୍ୱଚ୍ଛତା ସ୍ୱାଭିମାନ ଯୋଜନା ଅଧୀନରେ ପଞ୍ଜିକୃତ ସ୍ୱଚ୍ଛତା ଗୋଷ୍ଠୀ - ଯଥା ସଙ୍ଗୀତା ଲାକ୍ରା ଏବଂ ସବିନା ମହାନ୍ତଙ୍କ ନେତୃତ୍ୱରେ ସ୍ୱଚ୍ଛତା ଗୋଷ୍ଠୀ ଏବଂ ଅନୁସୂଚିତ ଜାତି ଓ ଜନଜାତି ଫେଡେରେସନ ସ୍ୱଚ୍ଛତା ଗୋଷ୍ଠୀ - ବସ୍ତି ଅଞ୍ଚଳ ଏବଂ ଏହାର ଆଖପାଖ ସଫା କରିବାରେ ନେତୃତ୍ୱ ନେଇଥିଲେ। ପ୍ରାୟ ୫୦ ଜଣ ଉତ୍ସାହୀ ଅଂଶଗ୍ରହଣକାରୀ ଏହି ଅଭିଯାନରେ ସାମିଲ ହୋଇଥିଲେ। ଏଥିରେ ପଞ୍ଚତତ୍ତ୍ୱ ଗ୍ରୁପ୍ ଦ୍ୱାରା ମଞ୍ଚସ୍ଥ ନୁକ୍କଡ ନାଟକ ସଚେତନତା ଅଭିଯାନରେ ଏକ ସୃଜନଶୀଳ ଦିଗ ଥିଲା। ଯାହା ସ୍ଥାନୀୟ ବାସିନ୍ଦାଙ୍କ ଦୃଷ୍ଟି ଆକର୍ଷଣ କରି ଅଳିଆ ନିଷ୍କାସନର ଗୁରୁତ୍ୱକୁ ପ୍ରଭାବଶାଳୀ ଭାବରେ ଆଲୋକିତ କରିଥିଲା। ଏହି କାର୍ଯ୍ୟକ୍ରମକୁ ଆସିଷ୍ଟାଣ୍ଟ ମ୍ୟାନେଜର (ଟିଇ-ପିଏଚ) ଆର୍ ପ୍ରଧାନଙ୍କ ସଂଯୋଜନା କରିଥିଲେ।



